# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୪୧୪୦୩ ତା ୦୧-୧୧-୨୩ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା୨୭.୧୦.୨୦୨୩ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା୨୭.୧୦.୨୦୨୩ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

1/11/23
ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୪୧୪୦୪ /ତା ୦୧-୧୧-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

1/11/23
ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୪୧୪୦୪ /ତା ୦୧-୧୧-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

1/11/23
ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୪୧୪05 /ତା ୦୧-୧୧-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ ଓ ଲିଗାଲ)/ ଜୋନାଲ୍ ଡ଼େପୁଟି କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

1/11/23
ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୨୭.୧୦.୨୦୨୩ ରିଖ ✸ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✸ ସ୍ଥାନ:BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

***ସର୍ବଶ୍ରୀ/ଶ୍ରୀମତୀ:***

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେ଼ପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୬. | ମିନୁଶ୍ରୀ ଖୁଣ୍ଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୯. | ଲାଲମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୦. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୧. | ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୨. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୩. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୪. | ମୋନାଲିସା ସାହୁ | ୱାର୍ଡ଼ ନଂ-୧୪ |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ଼ ନଂ-୧୬ |
| ୧୭. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୮. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୦. | ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୨୧. | କିରଣବାଳା ମାଝୀ | ୱାର୍ଡ଼ ନଂ-୨୩ |
| ୨୨. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୩. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ଼ ନଂ-୨୫ |
| ୨୪. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୫. | ଶୁଭ୍ରାଂଶୁ ଶେଖର ପଟ୍ଟନାୟକ | ୱାର୍ଡ଼ ନଂ-୨୭ |
| ୨୬. | ଝରଣା ରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୭. | ଅପରୂପ ନାରାୟଣ ରାଉତ | ୱାର୍ଡ଼ ନଂ-୨୯ |
| ୨୮. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୯. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୩୦. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୩୧. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୨. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୩. | ଅଲିଅଲି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୪. | ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୫. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ଼ ନଂ-୩୮ |
| ୩୬. | ଗିତାଞ୍ଜଳି ସାହୁ | ୱାର୍ଡ ନଂ-୩୯ |
| ୩୭. | ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୮. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୩୯. | ଭରତ କୁମାର ଲେଙ୍କା | ୱାର୍ଡ଼ ନଂ-୪୩ |
| ୪୦. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୪୧. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୨. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୩. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୪. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ଼ ନଂ-୪୯ |
| ୪୫. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ |
| ୪୬. | ବିନୟିନୀ ଜେନା | ୱାର୍ଡ଼ ନଂ-୫୧ |
| ୪୭. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୮. | ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୪୯. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୫୦. | ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୫୧. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୨. | ସନ୍ତୋଷ କୁମାର ସିଂହ | ୱାର୍ଡ଼ ନଂ-୫୭ |
| ୫୩. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୪. | ବିଙ୍ଗିଚି ନାରାୟଣ ମହାସୁପକାର | ୱାର୍ଡ଼ ନଂ-୫୯ |
| ୫୫. | ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୬. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୭. | ଗନ୍ଧୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୮. | ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୯. | ସକିବା ମୁଶରତ୍ | ୱାର୍ଡ ନଂ-୬୪ |
| ୬୦. | ରଶ୍ମିରଞ୍ଜନ ପାଟଶାଣୀ | ୱାର୍ଡ଼ ନଂ-୬୫ |
| ୬୧. | ଛବି ଦାଶ | ୱାର୍ଡ଼ ନଂ-୬୬ |
| ୬୨. | ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |

୬୩. ଦାଶରଥି ଗରାବଡୁ
ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର"-ତଥା-ମନ୍ତ୍ରୀଙ୍କ ପ୍ରତିନିଧି

୬୪. କୁନିଲତା ମହାରଣା
ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର" ଙ୍କ ପ୍ରତିନିଧି

୬୫. ମିଲନ୍ କୁମାର ପାଇକରାୟ
ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ" ଙ୍କ ପ୍ରତିନିଧ

ଅଦ୍ୟ ତା ୨୭.୧୦.୨୦୨୩ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC- ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ/ଚେୟାର୍‌ପର୍‌ସନ୍, କମିଶନର, ଅତିରିକ୍ତ କମିଶନର, କର୍ପୋରେଟର, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର" ତଥା ମନ୍ତ୍ରୀଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ" ଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର" ଙ୍କ ପ୍ରତିନିଧି, ନିଗମର ଅନ୍ୟାନ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ । ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ 'ବନ୍ଦେ ଉତ୍କଳ ଜନନୀ' ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ସଭାପତି ପ୍ରସ୍ତାବ ଦେଇଥିଲେ ଯେ, ନିଗମର ପରିବେଶ ଅଧିକାରୀ, ସ୍ୱର୍ଗତ ବସନ୍ତ କୁମାର ମଲ୍ଲିକ୍ ଚାକିରୀରେ ଥାଇ ମୃତ୍ୟୁବରଣ କରିଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିବା ତଦନୁଯାୟୀ ସ୍ୱର୍ଗତ ମଲ୍ଲିକ୍‌ଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ବୈଠକରେ ଉପସ୍ଥିତ ଥିବା ମାନନୀୟା ମେୟର, ଡ଼େପୁଟି ମେୟର, ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ/ଚେୟାର୍‌ପର୍‌ସନ୍, କର୍ପୋରେଟର, ମାନ୍ୟବର ବିଧାୟକଙ୍କ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଦୁର୍ଗାପୂଜା ସରିଲା, ଶୀତଋତୁ ଆରମ୍ଭ ହେଉଅଛି ଏବଂ ବିଭିନ୍ନ ଫେଷ୍ଟିଭାଲ୍ ଆସୁଅଛି । ଶୀତଋତୁ ଆସୁଥିବାରୁ ସହରକୁ ବାହାରୁ ବହୁ ଲୋକ ଆସିବେ, ଆମକୁ ସଫେଇ ଓ ପରିମଳ, ରାସ୍ତାଲୋକ, ଗମନାଗମନର ସୁବିଧାକୁ ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ । ଆମକୁ ଉନ୍ନତିମୂଳକ କାର୍ଯ୍ୟ ଯଥା:-ରାସ୍ତା, ନାଳ, ଓ୍ୱାର୍ଡ଼ ଅଫିସ୍ କରିବାକୁ ପଡ଼ିବ, ଇଞ୍ଜିନିୟର୍ ମାନେ Time line ପ୍ରସ୍ତୁତ କରନ୍ତୁ ଆଗକୁ ୪/୫ ମାସ ସଜାଗ ରହିବାକୁ ପଡ଼ିବ । ଆମକୁ ଗୋଟିଏ ଟିମ୍ ହୋଇ ମିଳିମିଶି କାମ କରିବାକୁ ପଡ଼ିବ । ଜନସାଧାରଣଙ୍କ ଅଭିଯୋଗ ସମାଧାନ କରିବାକୁ ପଡ଼ିବ, ବନ୍ଦେ ଉତ୍କଳ ଜନନୀ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତି ସମସ୍ତଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଦୁର୍ଗାପୂଜା ସରିଲା, ଲକ୍ଷ୍ମୀପୂଜା ଆସୁଅଛି ଆମକୁ ସଜାଗ ରହିବାକୁ ପଡ଼ିବ, ଭୁବନେଶ୍ୱର ମହାନଗର ନିଗମର କେତେକ ଅଧିକାରୀ ବଦଳି ହୋଇଗଲେଣି ସେମାନେ ନିଗମ ପାଇଁ କାମ କରିଛନ୍ତି ସେଥିପାଇଁ ଧନ୍ୟବାଦ ଦେବା ଏବଂ ଆଉ କେତେ ଜଣ ନୂଆ ଅଧିକାରୀ ଆସିଛନ୍ତି ତାଙ୍କୁ କର୍ପୋରେସନ ତରଫରୁ ସ୍ୱାଗତ ଜଣାଇବା । ଭୁବନେଶ୍ୱର ମହାନଗର ନିଗମର ଉତର ଦାୟିତ୍ୱ ଆମର ଜନସାଧାରଣଙ୍କୁ ଆମ୍ଭେମାନେ ସେବା ଯୋଗାଇବାକୁ ପଡ଼ିବ । ଆସନ୍ତା ୩୧ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ଜମି ଅଧିକାର ପ୍ରମାଣପତ୍ର ବାଂଟିବାକୁ ଯାଉଥିବାରୁ ଆମେ ଧନ୍ୟବାଦ ଜଣାଇବା, LRC ପାଇଁ ଯେଉଁମାନେ ଅଭିଯୋଗ କରିଥିଲେ ତାକୁ ସମାଧାନ କରାଯାଉ, ଯେଉଁମାନଙ୍କର ଅର୍ଥ ପଇଠ କରିବାର ଥିଲା ତାହା ସମାଧାନ କରାଯାଉ, ରେଳ ବିଭାଗ, ଏୟାରପୋର୍ଟ ଅଥରିଟିଙ୍କ ବ୍ୟତୀତ ଅନ୍ୟାନ୍ୟ ସରକାରୀ ବିଭାଗରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ଜାଗା ଦେଇଛନ୍ତି, ଫଳରେ ବାଦ୍ ପଡ଼ିଥିବା ହିତାଧିକାରୀ ମଧ୍ୟରୁ ବହୁ ହିତାଧିକାରୀ LRC ପାଇପାରିବେ । ନିଗମାଂଚଳର କଚା ରାସ୍ତାକୁ ପକ୍କା ରାସ୍ତା କରିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନର ପ୍ରକଳ୍ପ । ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପଡ଼ିବ । କଚା ରାସ୍ତା କେଉଁ ଓ୍ୱାର୍ଡ଼ରେ ଯଦି ରହିଯାଇଥାଏ ତେବେ ତାକୁ ଅନ୍ତର୍ଭୁକ୍ତ କରାଯିବ, ପରେ ଯେପରି କୌଣସି ଅଭିଯୋଗ ଆଉ ନଆସେ ସେଥିପାଇଁ ଆମକୁ ଦୃଷ୍ଟି ଦେବାକୁ ପଡ଼ିବ । ଏହି କାର୍ଯ୍ୟ ଆମ ଫଣ୍ଡ଼ରୁ କରିବାକୁ ପଡ଼ିବ, ପରେ ରାଜ୍ୟ ସରକାର ଦେବେ । ଏହି କାର୍ଯ୍ୟ ପାଇଁ ପଇସାର ଅଭାବ ରହିବ ନାହିଁ ବୋଲି ପ୍ରମୁଖ ଶାସନ ସଚିବ ପ୍ରତିଶୃତି ଦେଇଛନ୍ତି । ଆମର ଭୁବନେଶ୍ୱରକୁ ଏକ ନମ୍ବର କରିବାକୁ ପଡ଼ିବ । ଚଳିତ ମାସରେ ସବୁ ବିଭାଗର ରିଭ୍ୟୁ କରିବାର ଥିଲା, ସମୟ ଅଭାବରୁ ଓ୍ୱାର୍ଡ଼ ଅଫିସ୍ ବ୍ୟତୀତ ଆଉ କିଛି ରିଭ୍ୟୁ ହୋଇପାରିଲା ନାହିଁ । ଆସନ୍ତା ମାସରେ ଅନ୍ୟାନ୍ୟ ବିଭାଗର ରିଭ୍ୟୁ କରାଯିବ । ଜନସାଧାରଣ ସୁବିଧା ପାଇଁ ଶୌଚାଳୟ, ପାର୍କ, ସଫେଇ ଏବଂ ମଶାଣିର ଆବଶ୍ୟକତା ରହିଅଛି । ଏହିସବୁ କାର୍ଯ୍ୟ କାହିଁକି ହୋଇପାରୁନାହିଁ, ସମାସ୍ୟା କ'ଣ ରହୁଅଛି ଆଲୋଚନା କରି ସମାଧାନ କରିବାକୁ ପଡ଼ିବ । ଆଗକୁ City Activity କରିବାକୁ ପଡ଼ିବ । ଦୁର୍ଗାପୂଜାରେ କର୍ପୋରେଟର ଓ ଅଧିକାରୀ ବହୁତ କାର୍ଯ୍ୟ କରିଛନ୍ତି, ଦୁର୍ଗାପୂଜା କମିଟି ଗୁଡ଼ିକ ଆମକୁ ସହଯୋଗ କରିଛନ୍ତି । ସେମାନେ ମଣ୍ଡପ ନିକଟରେ ପରିଷ୍କାର ରଖିଛନ୍ତି, ଆମର ସଫେଇ କର୍ମଚାରୀମାନେ ମଧ ଦିନରାତି ସେଠାରେ କାର୍ଯ୍ୟ କରିଛନ୍ତି ସେଥିପାଇଁ ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଅଛି । ଆମେ ଗଠନମୂଳକ ଭାବେ (Constructive way) ରେ କାମ କରିବା । ସହରର ବିଭିନ୍ନ ଉନ୍ନୟନ, ସୌନ୍ଦର୍ଯ୍ୟକରଣ ଏବଂ ରାଜସ୍ୱ ବୃଦ୍ଧି ନିମନ୍ତେ ଜ୍ଞାନ ଆହରଣ ପାଇଁ କର୍ପୋରେଟର ଏବଂ ଅଧିକାରୀମାନେ ଦେଶର ବିଭିନ୍ନ ସହରକୁ Exposer visit ରେ ଆସନ୍ତା ମାସରେ ଯିବେ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ମାନନୀୟା ଡେପୁଟି ମେୟର, ମାନନୀୟା ମେୟର, ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ/ଚେୟାର୍‌ପରସନ୍, କମିଶନର, ଅତିରିକ୍ତ କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଦୁର୍ଗାପୂଜାରେ ଭୁବନେଶ୍ୱର ମହାନଗର ନିଗମ ଭଲ ପଦକ୍ଷେପ ନେଇଅଛି, ଆଗକୁ ଲକ୍ଷ୍ମୀପୂଜା, ଦୀପାବଳୀ ଆସୁଅଛି ସେଥିପାଇଁ ଆମକୁ ସ୍ୱଚ୍ଛତା ବିଷୟରେ ଦୃଷ୍ଟିଦେବା, ସଫେଇରେ ଉନ୍ନତି ହୋଇଅଛି, ଅନ୍ୟାନ୍ୟ କାମ ଚାଲିଅଛି । କଚା ରାସ୍ତାକୁ ପକା ରାସ୍ତା କାମ ଆରମ୍ଭ ହେବ । ଆମେ ମିଳିମିଶି କାମ କରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ଆମେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର ଦେଉଅଛୁ, କିନ୍ତୁ କେତେକ ସ୍ଥାନରେ ଆମେ ମଧ ଭଡ଼ାଟିଆଙ୍କୁ LRC ଦେଲେ ସେଠାରେ ମାଲିକମାନେ ଭଡ଼ାଟିଆ ମାନଙ୍କୁ ରାସ୍ତା ଛାଡ଼ିନାହାଁନ୍ତି, ତେଣୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ, ଏଭଳି ଅଭିଯୋଗ ଆସିଲେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପୁନଃବାର ଶ୍ରୀ ଜେନା କହିଥିଲେ ଯେ, କଚା ରାସ୍ତାକୁ ପକା ରାସ୍ତା କାର୍ଯ୍ୟ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଉ ନଚେତ୍ ଆମର ଲକ୍ଷ୍ୟପୂରଣ ହୋଇପାରିବ ନାହିଁ । ଏହା ଉପରେ କମିଶନର କହିଥିଲେ ତା ୧୫.୦୧.୨୦୨୪ ରିଖ ସୁଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଅଛି ଏବଂ ଏଥିପାଇଁ କମନ୍ ୱାର୍କ ଅର୍ଡ଼ର୍ ଦିଆଯିବ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ମିହିର କୁମାର ରାଉତ କହିଥିଲେ ଯେ, ମୋ ୱାର୍ଡ଼ରେ କାମ ହେଉଅଛି, ମୁଁ ଜାଣୁନାହିଁ । ଠିକାଦାର ଖରାପ କାମ କଲେ ମୁଁ ଅଭିଯୋଗ କଲେ ମଧ କେହି ଶୁଣୁନାହାଁନ୍ତି । ବିଲ୍ ପାଶ୍ ହୋଇ ପଇଠ ହୋଇଯାଉଅଛି, ତାଙ୍କୁ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ ଓ ଶ୍ରୀମତୀ ପ୍ରଭାସିନି ମହାନ୍ତି ସମର୍ଥନ କରିଥିଲେ । ଇଞ୍ଜିନିୟର୍‌ମାନେ ଆମକୁ ଜଣାଉନାହାଁନ୍ତି, କାମ କରାଯାଉଅଛି । ଏହା ଉପରେ ମେୟର-ତଥା-ସଭାପତି କହିଥିଲେ ଯେ, କର୍ପୋରେସନରେ ନିଷ୍ପତି ହୋଇଥିଲା ସୋସିଆଲ୍ ଅଡ଼ିଟ୍ କରିବା ପାଇଁ ତାହା କାହିଁକି ହେଉନାହିଁ । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ଅଂଚଳର କର୍ପୋରେଟରଙ୍କ ତତ୍ୱାବଧାନରେ ଜନସାଧାରଣଙ୍କ ଠାରୁ ସୋସିଆଲ୍ ଅଡ଼ିଟ୍ ରିପୋର୍ଟ ଅଣାଯିବ ଏବଂ ସୋସିଆଲ୍ ଅଡ଼ିଟ୍ ରିପୋର୍ଟ ନଥିଲେ ବିଲ୍ ପଇଠ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର କହିଥିଲେ ଯେ, ଆଗରୁ ଟେଣ୍ଡର ଫାଇଲ୍ କଂଟ୍ରାକ୍ଟସ କମିଟିକୁ ଆସୁଥିଲା ଏବେ ଆସୁନାହିଁ । ଏହା ଉପରେ କମିଶନର କହିଥିଲେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ କରାଯାଉଅଛି ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ଇଞ୍ଜିନିୟର୍ ମାନେ ସବୁବେଳେ ମିଟିଙ୍ଗ୍‌ରେ ରହୁଛନ୍ତି, କାର୍ଯ୍ୟ ଦେଖିବାକୁ ଯାଇପାରୁନାହାଁନ୍ତି, କଂଟ୍ରାକ୍ଟର ମନଇଚ୍ଛା କାମ କରୁଛନ୍ତି । ଆଗରୁ ୱାର୍କ ସରକାର କାର୍ଯ୍ୟ ଦେଖୁଥିଲେ, ଏବେ କେହି ଦେଖିବାକୁ ନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ପ୍ରତ୍ୟେକ ୱାର୍ଡ଼ରେ ଜଣେ ଲେଖାଏଁ ୱାର୍କ ସରକାର ଆଉଟ୍‌ସୋର୍ସିଂ ମାଧମରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶିବ ବେହେରା କହିଥିଲେ ଯେ, ମୋ ୱାର୍ଡ଼ରେ କଚା ରାସ୍ତା ରହିଗଲା ତାହା ହୋଇପାରିଲା ନାହିଁ । ମୋତେ ମଧ କେହି ପଚାରିଲେ ନାହିଁ । ତିନି ଦିନ ପୂର୍ବରୁ ନିର୍ବାହୀ ଯନ୍ତ୍ରୀ ଏ ବିଷୟରେ ମୋତେ ଫୋନ୍ କରିଥିଲେ, ଇଞ୍ଜିନିୟର୍ ମାନେ ପଚାରୁନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । କଚା ରାସ୍ତା ତାଲିକା ମାନ୍ୟବର ବିଧାୟକ ଏବଂ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଦେବାପାଇଁ ଏବଂ ଯେଉଁ କଚା ରାସ୍ତା ରହିଯାଇଅଛି ତାହା ତିନି ଦିନ ମଧରେ ତାଲିକାଭୁକ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପୁନଃବାର ଶ୍ରୀ ବେହେରା କହିଥିଲେ ଯେ, ମୋ ୱାର୍ଡ଼ରେ ବିଦ୍ୟୁତ୍ ଖୁଂଟ ଏପର୍ଯ୍ୟନ୍ତ ପଡ଼ିପାରିଲା ନାହିଁ । ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ବଡ଼ଗଡ଼ରେ ମଧ ଲାଇଟ୍ ଜଳୁନାହିଁ ଏବଂ କର୍ପୋରେଟର ଶ୍ରୀ ଭରତ କୁମାରେ ଲେଙ୍କା କହିଥିଲେ ଯେ, ବଡ଼ଗଡ଼ କେନାଲ୍ ରୋଡ୍‌ରେ ମଧ ରାସ୍ତା ଆଲୋକ ଜଳୁନାହିଁ, ବାରମ୍ବାର କହିବା ପରେ ମଧ କେହି ଶୁଣୁନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ଆଜି ସନ୍ଧ୍ୟାରେ ସମ୍ପୃକ୍ତ ଠିକାଦାରଙ୍କୁ ନେଇ ଉକ୍ତ ସ୍ଥଳ ପରିଦର୍ଶନ କରିବେ ଏବଂ ତାହାର ସମାଧାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ମୋ ୱାର୍ଡ଼ରେ ଅଧା ବିଦ୍ୟୁତ୍‌ଖୁଂଟ ପୋତା ହୋଇଅଛି ଆଉ କେବେ ପୋତା ହେବ ? ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ଶିବ ବେହେରା ଓ ମୋନାଲିସା ବେହେରା କହିଥିଲେ ତାଙ୍କ ୱାର୍ଡ଼ରେ ମଧ ଅଧା ଖୁଂଟ ପୋତାଯାଇଅଛି । ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ କହିଥିଲେ ଯେ, ଯେଉଁ ନୂଆ ଖୁଂଟ ପୋତା ଯାଉଅଛି ସେଥିରେ Neev light ଲାଗୁଅଛି । Neev ଯେଉଁ ରାସ୍ତାଲୋକ ମରାମତି କାର୍ଯ୍ୟ ଠିକା ନେଇଅଛି ତାହା ଠିକ୍ ଭାବରେ ମରାମତି କରୁନାହିଁ, ବହୁ ସମୟ ରାସ୍ତା ଅନ୍ଧାର ରହୁଅଛି,

କହିଲେ ଶୁଣୁନାହାଁନ୍ତି ତାଙ୍କୁ ବହୁ କର୍ପୋରେଟର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେହେତୁ Neev ଠିକ୍ ରୂପେ କାର୍ଯ୍ୟ କରୁନାହିଁ ତାଙ୍କୁ କଳାତାଲିକାଭୁକ୍ତ କରାଯିବା ଏବଂ ଆଉ ଅନୁମତି ନଦେବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମଧୁସ୍ମିତା ପ୍ରଧାନ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଜୀବଜନ୍ତୁଙ୍କ ମର ଶରୀର ଉଠାଯାଉ ନାହିଁ, ଓ୍ୱାର୍ଡ଼ ମଧରେ ପଡ଼ିରହି ଦୁର୍ଗନ୍ଧ ହେଉଅଛି, ଜନସାଧାରଣ ଭୁବନେଶ୍ୱର ମହାନଗର ନିଗମକୁ ଦାୟୀ କରୁଛନ୍ତି । ଏହା ଉପରେ ଆଲୋଚନା କରାଗଲା, ଜାମୁକୋଲି ଠାରେ ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା ଜାଗାରେ ଜୀବଜନ୍ତୁଙ୍କ ମୃତ ଶରୀର ପୋତିବା ପାଇଁ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଓ ଉପ ଆୟୁକ୍ତ, ଏ.ବି.ସି ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାମଚନ୍ଦ୍ର ରଣସିଂହ କହିଥିଲେ ଯେ, ମୋ ଓ୍ୱାର୍ଡ଼ର ସଫେଇ କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମର ସଫେଇ କର୍ମଚାରୀ ମାନଙ୍କ ଦ୍ୱାରା ସମ୍ପାଦନ କରାଯାଉଅଛି । ମୋ ଓ୍ୱାର୍ଡ଼କୁ ୭୮ ଜଣ କର୍ମଚାରୀ ଦିଆଯାଇଥିଲା ଏବେ ୨୭ ଜଣ କାମ କରୁଛନ୍ତି ଆଉ ସବୁ କୁଆଡ଼େ ଗଲେ ମୋ ଓ୍ୱାର୍ଡ଼ର ସଫେଇ କାର୍ଯ୍ୟ ହୋଇପାରୁନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ । ଏ ବିଷୟରେ ଆଂଚଳିକ ଅଧିକାରୀ (ଦକ୍ଷିଣ-ପଶ୍ଚିମ) ତନଖି କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦୀପକ କୁମାର ମିଶ୍ର କହିଥିଲେ ଯେ, ଆମେ ଅଧିକାରୀ ମାନଙ୍କୁ କୌଣସି କାର୍ଯ୍ୟ ପାଇଁ ଫୋନ୍ କଲେ ଅଧିକାରୀ ମାନେ ଫୋନ୍ ରିସିଭ୍ କରୁନାହାଁନ୍ତି, ତାଙ୍କୁ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ, ଶ୍ରୀମତୀ ପିଙ୍କି ସ୍ୱାଇଁ, ଶ୍ରୀମତୀ ବନ୍ଦିତା ପାଲ୍ ସମର୍ଥନ କରିଥିଲେ । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ, ଅଧିକାରୀମାନେ କୌଣସି ମିଟିଙ୍ଗ୍‌ରେ ଥିବେ ଫୋନ୍ ରିସିଭ୍ କରିପାରିନଥିବେ, କିନ୍ତୁ ମିଟିଙ୍ଗ୍ ସରିଲା ପରେ ଅଧିକାରୀମାନେ କର୍ପୋରେଟର ମାନଙ୍କୁ କଲ୍‌ବ୍ୟାକ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ପୁନଃବାର ଶ୍ରୀ ମିଶ୍ର କହିଥିଲେ ଯେ, ସ୍ଥାୟୀ ଜମା ଭାଙ୍ଗି ସଫେଇ ଓ ପରିମଳ ପାଇଁ ଖର୍ଚ୍ଚ ହେଉଅଛି, ଆଲୋଚନାରେ ଭାଗନେଇ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ସ୍ଥାୟୀ ଜମା କର୍ପୋରେସନ ଅନୁମୋଦନ ବିନା ଭଙ୍ଗାଯାଇପାରିବ ନାହିଁ । ଏହା ଉପରେ କମିଶନର କହିଥିଲେ ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଅଛି, ଠିକ୍ ସମୟରେ ବିଲ୍ ପଇଠ ହେଉଅଛି । ଏହା ଉପରେ ମେୟର-ତଥା-ସଭାପତି କହିଥିଲେ ଯେ, ଚାରି ଦିନ ପୂର୍ବରୁ ନିଗମର ବିତ ଅଧିକାରୀଙ୍କ ସହିତ ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲି । ନିଗମାଂଚଳରେ କଚା ରାସ୍ତାକୁ ପକା ରାସ୍ତା କରିବା ପାଇଁ ଆବଶ୍ୟକ ଅର୍ଥ ସମ୍ବନ୍ଧରେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ସହିତ ମଧ ଆଲୋଚନା କରାଯାଇଥିଲା, ସେ କହିଲେ ଯେ ନିଗମର ସ୍ଥାୟୀ ଜମାରୁ ଖର୍ଚ୍ଚ କର ପରେ ଆମେ ନିଗମକୁ ଭରଣା କରିବୁ, ନିଗମର କେଉଁ ଆକାଉଂଟ୍‌ରେ କେତେ ଟଙ୍କା ଓ ସ୍ଥାୟୀ ଜମା କେତେ ଅଛି ତାହାର ତଥ୍ୟ ସାତ ଦିନ ମଧରେ ଦେବାପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଥିପାଇଁ ମୁଁ ଏକ ସ୍ୱତନ୍ତ୍ର ମିଟିଙ୍ଗ୍ ନେବି ବୋଲି କହିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ କହିଥିଲେ ଯେ, ସବୁଜ ଅଳିଆ ଉଠାଇବା ପାଇଁ ଅର୍ଥ ଆଦାୟ ହେଉଅଛି । ଲୋକମାନେ ଏହାକୁ ବିରୋଧ କରୁଛନ୍ତି, ତେଣୁ ଏହି ଅର୍ଥ ୪/୫ ମାସ ବନ୍ଦ ରଖାଯାଉ । ତାଙ୍କୁ କର୍ପୋରେଟର ଅସିୟା ବେଗମ୍, ଶ୍ରୀ ନୃପେଶ କୁମାର ନାୟକ ଆଦି କର୍ପୋରେଟର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା, ଗ୍ରୀନ୍ ଗାର୍ବେଜ୍ ଉଠାଇବା ପାଇଁ ଆଦାୟ ହେଉଥିବା ଅର୍ଥ ଆସନ୍ତା ୫(ପାଂଚ) ମାସ ପାଇଁ ବନ୍ଦ ହେଲା କିନ୍ତୁ ବାହାରେ କେହି ସବୁଜ ଅଳିଆ ପକାଇବେ ନାହିଁ, ଯେଉଁ ମାନଙ୍କର ସବୁଜ ଅଳିଆ ଉଠିବ ସେମାନେ "ସଫା" ଆପ୍‌ରେ ଅନୁରୋଧ କଲେ ବିନା ପଇସାରେ ଉଠାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା କହିଥିଲେ ଯେ, ଗତ ମାସରେ କର୍ପୋରେସନରେ ନିଷ୍ପତି ହୋଇଥିଲା ବି.ଡ଼ି.ଏ ଯେଉଁଠାରେ ଉଚ୍ଛେଦ କରିବାକୁ ଯିବ, ସମ୍ପୃକ୍ତ ଓ୍ୱାର୍ଡ଼ କର୍ପୋରେଟରଙ୍କୁ ଜଣାଇବା ପାଇଁ, କିନ୍ତୁ ପୁନଃବାର ବି.ଡ଼ିଏ ମୋ ଓ୍ୱାର୍ଡ଼ରେ ଉଚ୍ଛେଦ କରିବାକୁ ଗଲା, କିନ୍ତୁ ମୋତେ ଜଣାଇଲେ ନାହିଁ । ଏହା ଉପରେ ଆଲୋଚନା କରାଗଲା, ଏଣିକି ବି.ଡ଼ି.ଏ ଯେଉଁ ଓ୍ୱାର୍ଡ଼ରେ ଉଚ୍ଛେଦ କରିବାକୁ ଯିବେ ସମ୍ପୃକ୍ତ ଓ୍ୱାର୍ଡ଼ କର୍ପୋରେଟରଙ୍କୁ ଜଣାଇବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପୁନଃବାର ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ରାସ୍ତା ଉପରେ ଇଲେକ୍ଟ୍ରିକ୍ ଖୁଂଟ ରହିଅଛି, ଫଳରେ ଦୁର୍ଘଟଣା ହେଉଛି, ସେଗୁଡ଼ିକ TPCODL ହଟାଇଲା ନାହିଁ । ଇଲେକ୍ଟ୍ରିକ୍ ଖୁଂଟରେ ମନଇଚ୍ଛା କେବୁଲ୍ ଲାଇନ୍ ଟାଣି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରୁଅଛି, ସେଗୁଡ଼ିକ କଟାଗଲା ନାହିଁ । ଏହା ଉପରେ ସଭାପତି କହିଥିଲେ ଯେ, TPCODL କହୁଅଛି ସବ୍‌ଷ୍ଟେସନ୍‌ର ବିଜ୍ଞାପନ ଲଗାଇବା ଯାହା ତାଙ୍କର କ୍ଷମତା ପରିସରଭୁକ୍ତ ନୁହେଁ, କେତେ ଗୋଟି ସବ୍‌ଷ୍ଟେସନ୍ ଅଛି ତାହାର ତାଲିକା ମଗାଯାଇଥିଲା ଏପର୍ଯ୍ୟନ୍ତ ଦେଲେନାହିଁ । ବୈଠକରେ ଉପସ୍ଥିତ TPCODL ର ଅଧିକାରୀ ଏହା ଉପରେ କୌଣସି ଉତର

ଦେଇପାରିନଥିଲେ, ତେଣୁ TPCODL ର ମୁଖ୍ୟ ନିର୍ବାହୀ ଅଧିକାରୀ (CEO), TPCODL ଙ୍କୁ କର୍ପୋରେସନ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ କୁମାରେନ୍ଦ୍ର ମହାପାତ୍ର କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ବାର୍ ଗୁଡ଼ିକର ପାର୍କିଂ ବ୍ୟବସ୍ଥା ନଥିବାରୁ ସେଠାକୁ ଯାଉଥିବା ବ୍ୟକ୍ତିମାନେ ରାସ୍ତା ଉପରେ ଗାଡ଼ି ରଖୁଥିବାରୁ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବାର୍ ଗୁଡ଼ିକର ତାଲିକା ଦେବାପାଇଁ ପୂର୍ବରୁ ନିଷ୍ପତି ହୋଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ତାଲିକା ଦେଲେନାହିଁ । ଉକ୍ତ ତାଲିକା ୧୦ (ଦଶ) ଦିନ ମଧ୍ୟରେ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ ଯେ, ଆମେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷକୁ ଅର୍ଥ ଦେଉଅଛୁ ସେ ଭୁବନେଶ୍ୱର ମହାନଗର ନିଗମାଂଚଳର କ'ଣ ସବୁ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି କର୍ପୋରେସନକୁ ଜଣାଉନାହାଁନ୍ତି, ଏହା ଉପରେ ଆଲୋଚନା କରାଗଲା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି ସେ ବିଷୟରେ ଭୁବନେଶ୍ୱର ମହାନଗର ନିଗମରେ ଉପସ୍ଥାପନା (presentation) କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ ଅତିରିକ୍ତ କମିଶନର-୨ କହିଥିଲେ ଯେ, ଲୋକସମ୍ପର୍କ ଓ ଯୋଗାଯୋଗ ବିଭାଗକୁ ସଶକ୍ତିକରଣ କରିବା ପାଇଁ ଜଣେ କ୍ୟାମ୍ପେନ୍ ଆଣ୍ଡ୍ ଆଉଟ୍‌ରିଚ୍ ଏକ୍ସପର୍ଟ, ଜଣେ ବ୍ରାଣ୍ଡିଂ ଏବଂ ଡ଼ିଜାଇନ୍ ଏକ୍ସପର୍ଟ ଓ ଜଣେ ଆସିଷ୍ଟାଂଟ୍ କମ୍ୟୁନିକେସନ୍ ଏକ୍ସପର୍ଟ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୧.** ଗତ ତା ୧୮.୦୯.୨୦୨୩ ରିଖ ନିଗମ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

**ନିର୍ଦ୍ଧାରଣ-୧.** ଗତ ତା ୧୮.୦୯.୨୦୨୩ ରିଖ ନିର୍ଦ୍ଧାରଣ ସଂଖ୍ୟା-୬(୨) ରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଯେଉଁ ରାସ୍ତା କରାଯାଉଅଛି ତାହା ପାଂଚ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ମରାମତି କାର୍ଯ୍ୟ କରିବ ନାହିଁ, ଯେଉଁ ଖାଲଖମା ହେବ ସମ୍ପୃକ୍ତ ଠିକାଦାର ମରାମତି କରିବେ । ଯେଉଁ କାର୍ଯ୍ୟ ହେଉଅଛି ତାହାର ଗୁଣବତା ତୃତୀୟ ପକ୍ଷ ଦ୍ୱାରା ଯାଂଚ୍ କରାଯିବା ପରେ ବିଲ୍ ପଇଠ ହେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ଏହା ଉପରେ କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ କହିଥିଲେ, ପାଂଚ ବର୍ଷ ପର୍ଯ୍ୟନ୍ତ ଠିକାଦାର କିମ୍ବା ଭୁବନେଶ୍ୱର ମହାନଗର ନିଗମ ରାସ୍ତା ମରାମତି ନକଲେ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେବେ ଏବଂ ତୃତୀୟ ପକ୍ଷ କିଏ ଯାଂଚ୍ କରିବ ତାହା ସୁସ୍ପଷ୍ଟ କରାଯାଉ । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସମ୍ପାଦନ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଖରାପ ହେଲେ ସମ୍ପୃକ୍ତ ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ସର୍ତ୍ତ ଅନୁଯାୟୀ କରିବେ ନଚେତ୍ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆବଶ୍ୟକ ସ୍ଥଳେ ମହାନଗର ନିଗମ ତରଫରୁ ମରାମତି କରାଯିବ, ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟର ସୋସିଆଲ୍ ଅଡ଼ିଟ୍ ରିପୋର୍ଟ ମିଳିବା ପରେ ବିଲ୍ ପଇଠ କରାଯିବା ପାଇଁ ସଂଶୋଧନ ହେବା ସହିତ ତା ୧୮.୦୯.୨୦୨୩ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ-୨.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୭.୧୦.୨୦୨୩ ରିଖ)**

**ଶ୍ରୀ ରଶ୍ମିରଞ୍ଜନ ପାଟ୍ଟଶାଣୀ, ୱାର୍ଡ ନଂ-୬୫ (ଗତ ତା ୧୮.୦୯.୨୦୨୩ ରିଖରେ ପଚ୍ଚରିଥିବା ପ୍ରଶ୍ନ)**

**ପ୍ରଶ୍ନ-୨(୧).** ସଭାପତି ମହୋଦୟା ଦୟାକରି ଗୃହକୁ ଅବଗତ କରାଇବେ କି, ପୂର୍ବ ସଭାରେ ପଚ୍ଚରିଥିବା ୫ ଗୋଟି ପ୍ରଶ୍ନ ଓ ପ୍ରସ୍ତାବ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ?

**ଉତ୍ତର -୨(୧).** BMC-NHAI ସମନ୍ୱୟ ବୈଠକରେ ଏ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା, NHAI କୁ Service road ରେ ଏମ୍ସ ଛକ ଠାରୁ ନଅ ନମ୍ବର ପ୍ରାକୃତିକ ନଳା ପର୍ଯ୍ୟନ୍ତ ଏବଂ ଡ଼ି.ଏନ୍ ରେଗାଲିଆ ଠାରୁ ୧୧ ନମ୍ବର ପ୍ରାକୃତିକ ନଳା ପର୍ଯ୍ୟନ୍ତ ନଳା ନିର୍ମାଣ ନିମନ୍ତେ ଅନୁରୋଧ କରାଯାଇଅଛି ଏବଂ ତାଙ୍କ ସହିତ ଯୋଗାଯୋଗ ରଖାଯାଉଅଛି ।

ଭଗବାନପୁର ଶିଳ୍ପାଂଚଳରେ ପ୍ରାକୃତିକ ନଳା ପର୍ଯ୍ୟନ୍ତ ନଳା ନିର୍ମାଣ ନିମନ୍ତେ BMC-IDCO ସମନ୍ୱୟ ବୈଠକରେ ଏ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ବେସରକାରୀ ବ୍ୟକ୍ତିବିଶେଷଙ୍କ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି ଏବଂ ତାଙ୍କ ସହିତ ଏ ବିଷୟରେ ଯୋଗାଯୋଗ କରାଯାଉଅଛି ।

ପ୍ରଶ୍ନ-୨(୨). ସଭାପତି ମହୋଦୟା ଦୟାକରି ଗୃହକୁ ଅବଗତ କରାଇବେ କି, WELLCOME ହୋଟେଲ୍ ସମ୍ମୁଖରେ ହେଉଥିବା ଭେଣ୍ଡିଂଜୋନ୍‌ର ୮ ଗୋଟି ଦୋକାନ ଘର ବ୍ୟତୀତ ଅନ୍ୟ ଦୋକାନ ଘର କରିବା ପାଇଁ G.A ବିଭାଗରୁ ଲ୍ୟାଣ୍ଡ୍ ଅନୁମତି ପତ୍ର ଆଣିବାରେ ବିଳମ୍ବ କାହିଁକି ହେଉଅଛି ?

ଉତ୍ତର -୨(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ୨୩ ଗୋଟି ସ୍ଥାନରେ ମଡ଼େଲ୍ ଭେଣ୍ଡିଂଜୋନ୍ ନିର୍ମାଣ ନିମନ୍ତେ ଜମି ଆବଂଟନ/ହସ୍ତାନ୍ତର ନିମନ୍ତେ ସାଧାରଣ ପ୍ରଶାସନ ବିଭାଗକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୫୧୬୫ ତା ୧୧.୦୮.୨୦୨୧ ରିଖରେ ଅନୁରୋଧ କରାଯାଇଥିଲା । ମହାନଗର ନିଗମର ପ୍ରସ୍ତାବିତ ୨୩ ଗୋଟି ସ୍ଥାନ ମଧ୍ୟରୁ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ୧୬ ଗୋଟି ସ୍ଥାନରେ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ Order No.-4748/CA ତା ୧୭.୦୨.୨୦୨୨ ରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ସପକ୍ଷରେ ଜମି ହସ୍ତାନ୍ତର କରିଛନ୍ତି ।

ପ୍ରକାଶ ଥାଉକି ପ୍ରସ୍ତାବିତ ତାଲିକା ଅନୁଯାୟୀ WELLCOME ହୋଟେଲ୍ ସମ୍ମୁଖ ମୌଜା-ଡୁମୁଡୁମାର ୨ ଗୋଟି ପ୍ଲଟ୍ ଯଥା-ପ୍ଲଟ୍ ନଂ-୪୪୨ ଏବଂ ୪୪୩ ଜମି ଆବଂଟନ ଉଦ୍ଦେଶ୍ୟରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଯାଇଥିଲେ ମଧ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା କେବଳ ୧ ଗୋଟି ଯଥା-ପ୍ଲଟ୍ ନଂ-୪୪୩ ମଧ୍ୟରୁ ଏରିଆ ଏ୦.୧୭୦ ଡ଼ିସିମିଲ୍ ଜମି ମଡ଼େଲ୍ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ ଆବଂଟନ କରିଛନ୍ତି ।

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨</u>

ପ୍ରଶ୍ନ-୨(୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୁକ୍ତା ଯୋଜନାରେ Sweety Complex Park କାର୍ଯ୍ୟ ହେବାପାଇଁ ଆଜିକୁ କେତେ ମାସ ହେଲା, ନଥିଟି ସାଉଥ୍-ୱେଷ୍ଟ ଜୋନ୍‌ରେ ପଡ଼ିରହିଛି ଏବଂ ପ୍ଲଟ୍ ନଂ-୧୯୫୦ ଏବଂ ୨୬୩ ରେ କେତେ ଜଣ ଜବରଦଖଲ୍ କରି ରଖିଛନ୍ତି ତାହା ତଦନ୍ତ କରି କିଏ କିଏ, କେତେ କେତେ ଜାଗା ଜବରଦଖଲ କରିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବେ କି ? ବି.ଏମ୍.ସି କମିଶନର କେବେ Verification କରିବାକୁ ଯାଇଥିଲେ ଏବଂ କେତେ ଦିନରେ ଜବରଦଖଲ ଭାଙ୍ଗିବା ପାଇଁ ଜୋନାଲ୍ ଡ଼େପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏବେ ସେହି ପାର୍କ ଜାଗାରେ ପାଚେରୀ ନିର୍ମାଣ କରି କିଏ ଜବରଦଖଲ କରୁଛନ୍ତି ତାହା ଗୃହକୁ ଜଣାଇପାରିବେ କି ?

ଉତ୍ତର -୨(୩). ମୁକ୍ତା ଯୋଜନାରେ Sweety Complex Park କାର୍ଯ୍ୟ ହେବାପାଇଁ ଫାଇଲ୍ ଟି ଦକ୍ଷିଣ-ପଶ୍ଚିମ ମଣ୍ଡଳରେ ଉପଲବ୍ଧ ନାହିଁ । ମୌଜା ଭୀମପୁର ଅନ୍ତର୍ଗତ ପ୍ଲଟ୍ ନଂ-୨୬୪/୧୯୫୦ ରେ ୨ ଜଣ ଯଥା:- ଶ୍ରୀ ନନ୍ଦକିଶୋର ପଣ୍ଡା ଏବଂ ଜ୍ୟୋସ୍ନାମୟୀ ମିଶ୍ର ଜବରଦଖଲ କରିଛନ୍ତି । ପ୍ଲଟ୍ ନଂ-୨୬୩ ରେ ଏକ ଆଜବେଷ୍ଟସ୍ ଗୃହ ଜବରଦଖଲ ହୋଇରହିଅଛି ଏବଂ ପାଚେରୀ ଦ୍ୱାରା ଆବଦ୍ଧ ହୋଇ ରହିଅଛି, କିଛି ଅଂଶରେ ନାଳପାଣି ପ୍ରବାହିତ ହେଉଅଛି, ଉଭୟ ପାର୍ଶ୍ୱରେ ଜବରଦଖଲ ଯୋଗୁଁ ମାପ ସମ୍ଭବ ହୋଇପାରୁନାହିଁ । ଏହି ପ୍ଲଟ୍ ଟି ସାଧାରଣ ପ୍ରଶାସନ ବିଭାଗ ନାମରେ ରେକର୍ଡ଼ ରହିଅଛି । ପ୍ଲଟ୍ ନଂ-୨୬୪/୧୯୫୦ ର ଉତର ପାର୍ଶ୍ୱରେ ଜ୍ୟୋସ୍ନାମୟୀ ମିଶ୍ର Ac 0.0078 ଏବଂ ଦକ୍ଷିଣ ପାର୍ଶ୍ୱରେ ଶ୍ରୀ ନନ୍ଦକିଶୋର ପଣ୍ଡା Ac 0.0041 ପରିମିତ ଜମି ଜବରଦଖଲ କରିଛନ୍ତି । ଜବରଦଖଲ ଭାଙ୍ଗିବା ନିମନ୍ତେ ଚିଠିର ଜ୍ଞାପକ ସଂଖ୍ୟା-୮୨୫ ତା ୦୨.୦୩.୨୦୨୩ ରିଖରେ ଅଧକ୍ଷ (CEMC) ଙ୍କୁ ଅନୁରୋଧ କରାଯାଇଅଛି । ପାର୍କ ଜାଗାରେ ପାଚେରୀ ନିର୍ମାଣ କରି ଜ୍ୟୋସ୍ନାମୟୀ ମିଶ୍ର ଜବରଦଖଲ କରିଛନ୍ତି ।

ପ୍ରଶ୍ନ-୨(୪). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୀମପୁର ପ୍ଲଟ୍ ନଂ-୭୩୫/୧୬୯୧ ସାମ୍ନାରେ ଥିବା Hording ଟି କେଉଁ ପ୍ଲଟ୍ ଉପରେ ଅଛି ଏବଂ ଏହି Hording ରୁ ଆସୁଥିବା ଟଙ୍କା କେଉଁ Private Plot Owner ଙ୍କୁ ଦିଆଯାଉଛି କି ତା'ର ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ଦେଇପାରିବେ କି ?

ଉତ୍ତର -୨(୪). ଭୀମପୁର ପ୍ଲଟ୍ ନଂ-୭୩୫/୧୬୯୧ ସାମ୍ନାରେ ଥିବା Hording ଟି ମୌଜା ଭୀମପୁର ଖାତା ନଂ-୭୪୦, ପ୍ଲଟ୍ ନଂ-୭୨୮ ପ୍ରଜା: ସାଧାରଣ ପ୍ରଶାସନ ବିଭାଗଙ୍କ ନାମରେ ଅଛି, ଏହି ହୋର୍ଡ଼ିଂରୁ ଆସୁଥିବା ସମସ୍ତ ଟଙ୍କା କୌଣସି Private Plot Owner ଙ୍କୁ ଦିଆଯାଉନାହିଁ । ଉକ୍ତ ଜାଗାରେ ଲଗାଇଥିବା Advertisement Hoarding Owner M/s Torrent Advertisement Agency ଅଟନ୍ତି । ଉକ୍ତ ହୋର୍ଡ଼ିଂ ପାଇଁ ବାର୍ଷିକ ଟ ୯୯,୦୦୦/- ଧାର୍ଯ୍ୟ କରାଯାଇଅଛି ଏବଂ ସମସ୍ତ ରେଭିନ୍ୟୁ ଭୁବନେଶ୍ୱର ମହାନଗର ନିଗମର ପାଣ୍ଠିରେ ଡ଼ିପୋଜିଟ୍ କରାଯାଉଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଉକ୍ତ ସ୍ଥାନରେ ହୋର୍ଡ଼ିଂ ଲଗାଯାଉଥିବାରୁ ସେଠାରେ ନାଳ ନିର୍ମାଣ ହୋଇପାରୁନାହିଁ, ତେଣୁ ସେଠାରୁ ହୋର୍ଡ଼ିଂ ଉଠାଯାଉ ବୋଲି ଦାବି କରିଥିଲେ, ଏହା ଉପରେ ଆଲୋଚନା କରାଗଲା, ଉକ୍ତ ସ୍ଥାନରେ ନାଳ ନିର୍ମାଣ ସମୟରେ ହୋର୍ଡ଼ିଂ ଉଠାଯାଇ ନାଳ ନିର୍ମାଣ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ ନଂ-୪୪</u>

ପ୍ରଶ୍ନ-୨(୫). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମର ନୂତନ ଗୃହ BMC-ICOMC ର ଜମି କାହା ନାମରେ ଅଛି, ଏଥିପାଇଁ କେଉଁ ବାବଦରେ କେତେ ଏବଂ ମୋଟ କେତେ ଖର୍ଚ୍ଚ ହୋଇଅଛି, ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ କେତେ ଟଙ୍କା ଦେଇଅଛି ? ବି.ଏମ୍.ସି ର କାର୍ଯ୍ୟାଳୟ ପାଇଁ କେତେ ଟଙ୍କା ଭଡ଼ା ଦେବାକୁ ପଡୁଅଛି କିମ୍ବା ଅନ୍ୟାନ୍ୟ କେଉଁ ବାବଦରେ କେତେ ଅର୍ଥ ଦେବାକୁ ପଡୁଅଛି ? ଏକାମ୍ର ହଲ୍ ଭଡ଼ା ବାବଦକୁ ଆଜି ପର୍ଯ୍ୟନ୍ତ କେତେ ଟଙ୍କା ଆଦାୟ ହୋଇଅଛି ? କଳ୍ପନାରୁ ବି.ଏମ୍.ସି ର ମୁଖ୍ୟ କାର୍ଯ୍ୟାଳୟ ସତ୍ୟନଗରକୁ ଆସିବାର କାରଣ କ'ଣ ଥିଲା ଏଥିପାଇଁ କିଏ ନିଷ୍ପତି ନେଇଥିଲେ ?

ଉତ୍ତର -୨(୫). ଭୁବନେଶ୍ୱର ମହାନଗର ନିଗମର ନୂତନ ଗୃହ BMC-ICOMC ର ଜମି ଭୂ-ଲେଖ ଅନୁଯାୟୀ ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ ମାର୍ଫତ ଭୁବନେଶ୍ୱର ମହାନଗର ନିଗମ ନାମରେ ରେକର୍ଡ଼ ରହିଅଛି । ଏହାର ଖତିୟାନ କପି ସଂଲଗ୍ନ କରାଗଲା । ପ୍ରକାଶଥାଉକି, ସାଧାରଣ ପ୍ରଶାସନ ବିଭାଗର ପତ୍ରସଂଖ୍ୟା-୬୭୨୯/CA ତା ୨୬.୦୨.୨୦୨୧ ରିଖରେ ଉକ୍ତ ଜମିକୁ ଗୃହ ଓ ନଗର ଉନ୍ନୟନ ବିଭାଗ ସପକ୍ଷରେ BMC-ICOMC ଗୃହ ନିର୍ମାଣ ନିମନ୍ତେ ହସ୍ତାନ୍ତର କରିଛନ୍ତି । BMC-ICOMC ଗୃହ ନିର୍ମାଣ ସମୟରେ ଭୁବନେଶ୍ୱର ମହାନଗର ନିଗମ ସମୁଦାୟ ୧୩ କୋଟି ଟଙ୍କା BSCL କୁ ଦିଆଯାଇଅଛି, ବର୍ତ୍ତମାନ ସୁଦ୍ଧା ବି.ଏମ୍.ସି ର କାର୍ଯ୍ୟାଳୟ ପାଇଁ କୌଣସି ଭଡ଼ା ଦିଆଯାଇନାହିଁ, କିନ୍ତୁ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ଼୍ ତାଙ୍କ ପତ୍ରସଂଖ୍ୟା-୧୮୮୯ ତା ୧୨.୦୯.୨୦୨୩ ରିଖ ଦ୍ୱାରା Operation & Maintenance ପାଇଁ ଟ ୧,୦୨,୬୨,୬୪୭/-ଙ୍କା ମାତ୍ର ଏବଂ Electricity ପାଇଁ ଟ ୨୯,୩୦,୦୩୮/-ଙ୍କା ମାତ୍ର ପଇଠ କରିବା ପାଇଁ ଜଣାଇଛନ୍ତି । ଅବଶିଷ୍ଟ ପ୍ରଶ୍ନର ଉତର ସଂଗ୍ରହ କରାଯାଇ ପରବର୍ତୀ ବୈଠକରେ ପ୍ରଦାନ କରାଯିବ ।

<u>ଶ୍ରୀମତୀ ପିଙ୍କି ସ୍ୱାଇଁ, ୱାର୍ଡ ନଂ-୧୫</u>

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଅବସ୍ଥିତ UPHC କୁ Wellness ସେଂଟର କାହିଁକି କରାଗଲା ଏବଂ କେବେ ପରିବର୍ତନ କରାଗଲା ତାହା ଲିଖିତ ଭାବେ ଜଣାଯାଇଛି କି, ଯଦି ଜଣାଯାଇଛି ତେବେ କାହାକୁ ଜଣାଗଲା ?

ଉତ୍ତର -୨(୬). ଚତୁର୍ଥ ଗଭର୍ଣ୍ଣି ବଡ଼ି ବୈଠକ ତା ୦୨.୦୨.୨୦୨୨ ରିଖରେ ଭୁବନେଶ୍ୱର ମହାନଗର ନିଗମର ପ୍ରଶାସକଙ୍କ ତତ୍ୱାବଧାନରେ ହୋଇଥିବା ନିଷ୍ପତି ଏବଂ ସିଭିଲ୍ ମିଟିଙ୍ଗ୍ ତା ୩୧.୦୮.୨୦୨୩ ରିଖରେ କମିଶନରଙ୍କ ତତ୍ୱାବଧାନରେ ହୋଇଥିବା ବୈଠକରେ ନିଷ୍ପତି ଅନୁଯାୟୀ ଉକ୍ତ UPHC କୁ ୱାର୍ଡ଼ ନଂ-୫୦ ରେ ହୋଇଥିବା ନୂଆ ବିଲ୍ଡ଼ିଂକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ରେଂଟାଲ୍ କଲୋନୀ ବିଲ୍ଡ଼ିଂକୁ UHWC ଭାବରେ ବ୍ୟବହାର କରାଗଲା ।

ପ୍ରଶ୍ନ-୨(୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଅବସ୍ଥିତ UPHC ରେ ସ୍କିନ୍ ସ୍ପେସିଆଲିଷ୍ଟ, ପେଡ଼ିଏଟ୍ରିକ୍ ଡ଼କ୍ଟର, ମେଡ଼ିସିନ୍ ସ୍ପେସିଆଲିଷ୍ଟ ଆସୁନଥିବାରୁ ପୂର୍ବରୁ ଲିଖିତ ଭାବେ ଅଭିଯୋଗ ଗୃହରେ ଜଣାଇଥିବା ସତ୍ୱେ ମଧ ଆଜି ପର୍ଯ୍ୟନ୍ତ ତା'ର ସମାଧାନ ହୋଇପାରୁନାହିଁ ବରଂ ଧିରେ ଧିରେ ଗାଇନିଙ୍ଗ୍ ଡ଼କ୍ଟର, ମେଡ଼ିକାଲ୍ ଅଫିସର୍ ଏବଂ କିଛି ଷ୍ଟାଫ୍‌ଙ୍କୁ ସେଠାରୁ ବାହାର କରି ଅନ୍ୟତ୍ର ପଠାଯାଉଅଛି । ଫଳରେ ମୋ ଅଂଚଳ ତଥା ଆଖପାଖ ଅଂଚଳର ଲୋକମାନେ ସେବାରୁ ବଂଚିତ ହେଉଛନ୍ତି । ତେଣୁ ଏହାର ଉପଯୁକ୍ତ ସମାଧାନ କାହିଁକି ହେଉନାହିଁ ଏବଂ କେବେ ହେବ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର -୨(୭). ବରମୁଣ୍ଡା ରେଂଟାଲ୍ UHWC ରେ ସ୍ପେସିଆଲିଷ୍ଟ ଡ଼କ୍ଟର୍ ଙ୍କର ବ୍ୟବସ୍ଥା ନାହିଁ, ସେଠାରେ ଜଣେ ସ୍ତ୍ରୀ ଓ ପ୍ରସୂତି ଡ଼ାକ୍ତର ଏବଂ ଫିଜିଓଥେରାପି ଡ଼କ୍ଟର୍ ନିୟମିତ ଯାଉଛନ୍ତି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, ମୋ ୱାର୍ଡ଼ରେ ଥିବା UPHC ରେ ୬୭ ବର୍ଷ ବୟସ୍କ ଡ଼ାକ୍ତର ଅଛନ୍ତି, ତାଙ୍କର ଦେହ ଥରୁଅଛି । ସେ ଠିକ୍ ସମୟରେ ଡ଼ାକ୍ତରଖାନାକୁ ଆସୁନାହାଁନ୍ତି, ରୋଗୀସେବା କରିପାରୁନାହାଁନ୍ତି, ଏହା ଉପରେ ଆଲୋଚନା କରାଗଲା । ତାଙ୍କୁ ଆଉ ଚାକିରୀରେ ନରଖିବା ପାଇଁ ଏବଂ ତାଙ୍କ ସ୍ଥାନରେ ଆଉ ଜଣେ ଡ଼ାକ୍ତର ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩</u>

ପ୍ରଶ୍ନ-୨(୮). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଗତ ତା ୨୭.୦୧.୨୦୨୩ ରିଖ ମୋ ୱାର୍ଡ଼ରେ ଥିବା ତିନୋଟି ଅସ୍ଥାୟୀ ଅଙ୍ଗନବାଡ଼ିରେ ବିଜୁଳି, ପାଣି ଏବଂ ଶୌଚାଳୟର କୌଣସି ବ୍ୟବସ୍ଥା ନଥିବାରୁ ଛୋଟ ଛୋଟ ପିଲାମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାରୁ ଏ ବିଷୟରେ ଗୃହକୁ ଅବଗତ କରାଇଥିଲି । ଗୃହରେ ଆଲୋଚନା ହେବାପରେ CDPO III ମ୍ୟାଡ଼ାମ୍ ଆସି ସ୍ଥାୟୀ ଅଙ୍ଗନବାଡ଼ି କରିବା ପାଇଁ ଜାଗା ଚିହ୍ନଟ କରିଯାଇଥିଲେ କିନ୍ତୁ ଦୁଃଖର ବିଷୟ ଦେଢ ବର୍ଷ ବିତି ଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ । କେବେ ନୂତନ ଅଙ୍ଗନବାଡ଼ି କାର୍ଯ୍ୟ ଆରମ୍ଭ ହେବ ଏବଂ ବର୍ତମାନ ସୁଧା କି ପଦକ୍ଷେପ ନିଆଯାଇଛି ଗୃହକୁ ଜଣାଇବେ କି ?

ଉତ୍ତର -୨(୮). ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ-୩ ଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୱାର୍ଡ଼ ନଂ-୧୩ ଅଧିନରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସହରାଂଚଳ-୩ ର ତିନି ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ରହିଅଛି । ଯଥା- ୧-ବି.ଡ଼ି.ଏ କଲୋନୀ, ୨-ଶ୍ରୀ ଆଣଶ୍ରମିକ ବସ୍ତି, ୩-ନୀଳମାଧବ ବସ୍ତି ।

ବି.ଡ଼ି.ଏ କଲୋନୀ କେନ୍ଦ୍ର ଅଧିନସ୍ଥ ସମସ୍ତ ବସ୍ତିବାସିନ୍ଦାଙ୍କୁ ବି.ଏମ୍.ସି ସେଠାରୁ ସ୍ଥାନାନ୍ତରିତ କରି ନୂଆ ଘର ତିଆରି ହେଲାପରେ ସେମାନଙ୍କୁ ଦିଆଯିବ ବୋଲି ସ୍ଥିର କରିଛନ୍ତି, ତେଣୁ ସେଠାକାର ସମସ୍ତ ବସ୍ତିବାସିନ୍ଦା ବର୍ତମାନ ନୀଳାଦ୍ରି ବିହାର ସ୍ଥିତ ଟ୍ରାଞ୍ଜିଟ୍ ହାଉସ୍ ପାଖରେ ରହୁଛନ୍ତି ଏବଂ ବି.ଡ଼ି.ଏ କଲୋନୀ ଅଙ୍ଗନବାଡ଼ି କେନ୍ଦ୍ରଟି ବର୍ତମାନ ସେଠାରେ ୱାର୍ଡ଼ ନଂ- ୧୪ ରେ ପରିଚାଳିତ ହେଉଛି । ଯେତେବେଳେ ବି.ଏମ୍.ସି ସେମାନଙ୍କୁ ନୂଆ ଘର ଦେବ ଏବଂ ସେମାନେ ସେଠାକୁ ଫେରିବେ ସେହି ସମୟରେ ଉକ୍ତ କେନ୍ଦ୍ରଟି ମଧ ସ୍କୁଲ୍ କ୍ୟାମ୍ପସ୍‌ରେ ଥିବା ନିଜସ୍ୱ ଅଙ୍ଗନବାଡ଼ି କେନ୍ଦ୍ରରେ ପରିଚାଳିତ ହେବ ଏବଂ ପାଣି, ଇଲେକ୍ଟ୍ରି, ଶୌଚାଳୟ ଇତ୍ୟାଦିର ବ୍ୟବସ୍ଥା ମଧ କରାଯିବ ।

ଶ୍ରୀ ଆଣଶ୍ରମିକ ବସ୍ତିର ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନା ପାଇଁ ସେଠାରେ ଏକ ଗୃହରେ ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନା ହେଉଅଛି, ଯେହେତୁ ଏହା ଆମର ନିଜସ୍ୱ ଗୃହ ନୁହେଁ, ତେଣୁ ପାଣି, ଇଲେକ୍ଟ୍ରି, ଓ

ଶୌଚାଳୟ ବ୍ୟବସ୍ଥା ନିମନ୍ତେ କୌଣସି ଟଙ୍କା ଆସୁନାହିଁ ଏବଂ ନିଜସ୍ୱ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ତିଆରି କରିବା ପାଇଁ ମଧ୍ୟ ସେଠାରେ କୌଣସି ଜାଗା ନାହିଁ । କର୍ପୋରେଟରଙ୍କୁ ମଧ୍ୟ ଉକ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ପାଇଁ ନୂଆ ଜାଗା ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଅଛି ।

ନୀଳମାଧବ ବସ୍ତି ଅଙ୍ଗନବାଡ଼ି କେନ୍ଦ୍ର ଏକ ଭଡ଼ା ଘରେ ଚାଲୁଅଛି । ବସ୍ତି ଅଂଚଳରେ separate ଶୌଚାଳୟ ଥାଇ single ରୁମ୍ ମିଳିବା ବହୁତ କଷ୍ଟ, ତେଣୁ ଭଡ଼ା ଘରକୁ ଶୌଚାଳୟ ଓ ପାଣି ବ୍ୟବସ୍ଥା କରିବା ସହଜସାପେକ୍ଷ ନୁହେଁ । ଉକ୍ତ ଅଙ୍ଗନବାଡ଼ି କର୍ମୀ ନିଜେ ଇଲେକ୍ଟ୍ରି କନେକ୍ସନ୍ ଆଣି ଏକ ଫ୍ୟାନ୍ ଲଗେଇଛନ୍ତି ଏବଂ ଉକ୍ତ କେନ୍ଦ୍ରଟି ବି.ଡ଼ି.ଏ କଲୋନୀ ସ୍କୁଲ୍‌କୁ ସିଫ୍ଟ ହୋଇ ନିଜସ୍ୱ ଗୃହ ତିଆରି କରିବା ପାଇଁ ସରକାରଙ୍କୁ ଏକ ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଦୁଇ ମାସ ତଳେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ କର୍ପୋରେଟର ମହୋଦୟା joint visit ରେ ଯାଇ ଏକ ଜାଗା ମଧ୍ୟ ଦେଖିଛନ୍ତି, ଜାଗା ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

ୱାର୍ଡ଼ ନଂ-୧୩ ପାଇଁ ରେଳକୁଞ୍ଜ ସମ୍ମୁଖରେ ଏକ 5 Seater Public Toilet (Aspirational as applicable) ର ନିର୍ମାଣ ନିମନ୍ତେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୩୭୭୪୦ ତା ୦୫.୦୮.୨୦୨୩ ରିଖ ଅନୁସାରେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁଅଛି ।

ପ୍ରଶ୍ନ-୨(୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଗତ ତା ୩୧.୦୫.୨୦୨୩ ରିଖରେ କର୍ପୋରେସନ ସାଧାରଣ ସଭାରେ ହୋଇଥିବା ଆଲୋଚନାରେ ନାଲ୍‌କୋ କଲୋନୀରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ଗୁଡ଼ିକୁ କେଉଁଠାରେ ପକାଉଛନ୍ତି ବୋଲି ଗୃହରେ ପ୍ରଶ୍ନ କରିଥିଲି । ଉତର ମଧ୍ୟ ମିଳିଥିଲା କି ସେମାନେ ନିଜ କ୍ୟାମ୍ପସ ଭିତରେ ଏକ Mini Composting Centre କରି ବର୍ଜ୍ୟବସ୍ତୁ ପରିଚାଳନା କରି ଖତ ସାର ପ୍ରସ୍ତୁତି କରୁଛନ୍ତି ଏବଂ ଶୁଖିଲା ବର୍ଜ୍ୟର ପରିଚାଳନା ଠିକ୍ ଭାବେ ହେଉନାହିଁ ବୋଲି । ମୁଁ ନିଜେ ସେ ଜାଗାଟିକୁ ଯାଇ ପରିଦର୍ଶନ କରି ଦେଖିଲି କୌଣସି ପ୍ରକାରର ବର୍ଜ୍ୟବସ୍ତୁ ପରିଚାଳନା କରାଯାଉନାହିଁ ଏବଂ ସେଠାରେ ଶୁଖିଲା ଅଳିଆର ପାହାଡ଼ କରିସାରିଲେଣି । Mini Composting Centre ର Stracture ଅଛି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ । ଏହାଦ୍ୱାରା ପାଖକୁ ଲାଗିରହିଥିବା ରେଲୱେ କଲୋନୀକୁ ଦୁର୍ଗନ୍ଧ ଯିବା ସହ ପରିବେଶ ଦୂଷିତ ହେଉଥିବାରୁ ସେମାନେ ବାରମ୍ବାର ଅଭିଯୋଗ କରୁଛନ୍ତି । ଦୟାକରି ଗୃହକୁ ଜଣାଇବେ କି କେବେ ସେ ଜାଗାଟିକୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ?

ଉତ୍ତର -୨(୯). ନାଲ୍‌କୋ କଲୋନୀରେ ଥିବା Mini Composting Centre ର ନିରୀକ୍ଷଣ କରାଯାଇଥିଲା ଏବଂ ଏହା ଦେଖାଯାଇଥିଲା ଯେ ସେଠାରେ ୪୦ ଟି କୁଣ୍ଡର ବ୍ୟବହାର କରି ଓଦା ବର୍ଜ୍ୟବସ୍ତୁକୁ Vermi Composting ଦ୍ୱାରା ଖତସାରରେ ପରିଣତ କରାଯାଉଅଛି । ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସେଠାରେ କୌଣସି ବ୍ୟବସ୍ଥା କରାଯାଇନାହିଁ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଗୁଡ଼ିକ ଖୋଲାରେ ପକାଯାଇଥିଲା । ଶୁଖିଲା ବର୍ଜ୍ୟବସ୍ତୁରେ କିଛି ପରିମାଣରେ ଓଦା ବର୍ଜ୍ୟବସ୍ତୁ ମଧ୍ୟ ମିଶ୍ରିତ ଅଛି, ଯାହାଦ୍ୱାରା ଦୁର୍ଗନ୍ଧ ସୃଷ୍ଟି ହେଉଅଛି ।

ଏହି ପରିପ୍ରେକ୍ଷୀରେ ନାଲ୍‌କୋ ଦ୍ୱାରା Mini Composting Centre ରେ ନିୟୋଜିତ ଥିବା କର୍ମଚାରୀଙ୍କୁ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ଗୁଡ଼ିକ ପୃଥକ୍ କରି ଶୁଖିଲା ବର୍ଜ୍ୟବସ୍ତୁକୁ ବିଭିନ୍ନ ଜାଗାରେ ନପକାଇ ଏକତ୍ର ରଖାଯିବା ସହିତ ଏହାର ପୁନଃ ପୃଥକୀକରଣ ମାଧ୍ୟମରେ Recyclable ପଦାର୍ଥ ଗୁଡ଼ିକୁ ଅଲଗା କରି ଉପଯୁକ୍ତ Recycler Agency କୁ ଦିଆଯିବା ନିମନ୍ତେ ବ୍ୟବସ୍ଥା କରାଯିବା ପାଇଁ କୁହାଯାଇଅଛି । Recycler ମାଧ୍ୟମରେ ସୁଚାରୁରୂପେ ନିଷ୍ପାଦନ ହେବାପରେ ଅଦରକାରୀ ବଳକା ଶୁଖିଲା ବର୍ଜ୍ୟବସ୍ତୁ ଗୁଡ଼ିକୁ ବି.ଏମ୍.ସି ଦ୍ୱାରା ଧାର୍ଯ୍ୟ User Fee ନାଲ୍‌କୋ ଦ୍ୱାରା ପଇଠ କରାଯିବା ପରେ ଶୁଖିଲା ବର୍ଜ୍ୟବସ୍ତୁ ବି.ଏମ୍.ସି ପରିଚାଳନା ନିମନ୍ତେ ପଦକ୍ଷେପ ନିଆଯିବ ।

ଶ୍ରୀମତୀ ଗୀତାଞ୍ଜଳି ସାହୁ, ୱାର୍ଡ ନଂ-୩୯

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଜାଗା ମିଶନ୍ ଜରିଆରେ ବିଭିନ୍ନ ବସ୍ତି ମାନଙ୍କରେ ଗଠନ କରାଯାଇଥିବା SDA କମିଟିକୁ ୨ ବର୍ଷ ପରେ ନୂତନ କମିଟି ଗଠନ କରାଯାଇପାରିବ ବୋଲି ବାରମ୍ବାର ଏହି ଗୃହରେ ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବସ୍ତି ମାନଙ୍କରେ ପୁରୁଣା କମିଟି କାମ କରୁଛି, ତେଣୁ ବସ୍ତି

ମାନଙ୍କରେ ଘୋର ଅଶାନ୍ତି ସୃଷ୍ଟି ହେଉଛି, ତେଣୁ ବସ୍ତି କମିଟି କେବେ ଓ କିପରି ନୂତନ କମିଟି ଗଠନ କରିହେବ ଗୃହକୁ ଜଣାଇବେ କି ?

ଉତ୍ତର -୨(୧୦). ଜାଗା ମିଶନ୍ ଜରିଆରେ ବିଭିନ୍ନ ବସ୍ତି ମାନଙ୍କରେ ଗଠନ କରାଯାଇଥିବା SDA କମିଟିକୁ ୨ ବର୍ଷ ପରେ ନୂତନ କମିଟି ଗଠନ କରାଯାଇପାରିବା ସଂକ୍ରାନ୍ତରେ ସରକାରଙ୍କ ଠାରୁ ଆଦେଶ ଆସିନାହିଁ । ଆଦେଶ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରଶ୍ନ-୨(୧୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ହୋଲ୍ଡିଂ ଟ୍ୟାକ୍ସ ବାବଦକୁ ଯେଉଁ ଘର ମାଲିକମାନେ ନୂତନ ଦରରେ ଟ୍ୟାକ୍ସ ପଇଠ କରିଦେଇଛନ୍ତି କିନ୍ତୁ ବର୍ତ୍ତମାନ ପୁରୁଣା ଦରରେ ଟ୍ୟାକ୍ସ ଆଦାୟ କରାଯାଉଛି, ତେଣୁ ସେମାନେ ପଇଠ କରିଥିବା ନୂତନ ଦରର ବକେୟା ଟଙ୍କା କିପରି ଫେରସ୍ତ ପାଇବେ ଗୃହକୁ ଜଣାଇବେ କି ?

ଉତ୍ତର -୨(୧୧). ହୋଲ୍ଡିଂ ଟ୍ୟାକ୍ସ ବାବଦକୁ କିଛି ଘର ମାଲିକମାନେ ନୂତନ ଦରରେ ଟ୍ୟାକ୍ସ ପଇଠ କରିଦେଇଛନ୍ତି କିନ୍ତୁ ବର୍ତ୍ତମାନ ପୁରୁଣା ଦରରେ ଟ୍ୟାକ୍ସ ଆଦାୟ କରାଯାଉଛି । ସେମାନେ ପଇଠ କରିଥିବା ନୂତନ ଦରର ବକେୟା ଟଙ୍କା ଫେରସ୍ତ ପାଇବା ସମ୍ପର୍କରେ ରାଜ୍ୟ ସରକାରଙ୍କ ଠାରୁ କୌଣସି ଆଦେଶ ଆସିନାହିଁ । ଏ ସମ୍ବନ୍ଧରେ ନିଷ୍ପତି ନିଆଗଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

<u>ଶ୍ରୀ ରଶ୍ମିରଞ୍ଜନ ପାଙ୍ଗଶାଣୀ, ଓ୍ୱାର୍ଡ ନଂ-୬୫</u>

ପ୍ରଶ୍ନ-୨(୧୨). ସଭାପତି ମହୋଦୟା ଦୟାକରି ଗୃହକୁ ଅବଗତ କରାଇବେ କି, ମୁଁ ପଚ୍ଚାରିଥିବା ପ୍ରଶ୍ନ ୨(୪) ତା ୨୯.୦୮.୨୦୨୩ ରିଖର ଉତର ଅନୁଯାୟୀ ସଭାପତି ମହୋଦୟା ଜଣାଇଥିଲେ ଯେ, ଡ଼ି.ଏନ୍ ରେଗାଲିଆ ର ବକେୟା ଟ ୫,୭୨,୯୯,୫୪୪/- ରହିଛି । ଏହା ଉଚ୍ଚ ନ୍ୟାୟାଳୟରେ ବିଚ୍ଚାରାଧିନ ରହିଛି । ଏହି ବିଚ୍ଚାରାଧିନ ଥିବା କେଶ୍ ନମ୍ବର କେତେ ଏବଂ ଏଥି ସମ୍ବନ୍ଧୀୟ କି କି ପ୍ରକାର ପଦକ୍ଷେପ ବି.ଏମ୍.ସି ତରଫରୁ ନିଆଯାଇଅଛି ଗୃହକୁ ଜଣାନ୍ତୁ ?

ଉତ୍ତର -୨(୧୨). ଓ୍ୱାର୍ଡ ନଂ-୬୫ ରେ ଥିବା M/s Life Line Multi Ventures Pvt. Ltd., MD Jagdish Prasad Naik (D.N. Regalia) ଙ୍କର ହୋଲ୍ଡିଂ ଟ୍ୟାକ୍ସ ବାବଦରେ ଟ ୫,୭୨,୯୯,୫୪୪/-ଙ୍କା ବକେୟା ଅଛି ଏବଂ ଏହାର ଉଚ୍ଚ ନ୍ୟାୟାଳୟ କେଶ୍ ନଂ- WP (C) No.-3455 of 2020 ର ବିଚ୍ଚାରାଧିନ ଅଛି । କୋର୍ଟରେ କେଶ୍ ପରିଚ୍ଚାଳନା ପାଇଁ ଜଣେ ଓକିଲଙ୍କୁ ନିଯୁକ୍ତି କରାଯାଇଅଛି ।

ପ୍ରଶ୍ନ-୨(୧୩). ସଭାପତି ମହୋଦୟା ଦୟାକରି ଗୃହକୁ ଅବଗତ କରାଇବେ କି, ଡ଼ି.ଏନ୍ ରେଗାଲିଆ ମଲ୍ ର ଆଜି ପର୍ଯ୍ୟନ୍ତ ଅଳିଆ ଆବର୍ଜନା ପାଣି ଗୁଡ଼ିକ କଳିଙ୍ଗନଗର ଆବାସିକ କଲୋନୀକୁ ଛାଡୁଅଛି ଏବଂ ଏହାର ପାର୍କିଂ ସମ୍ବନ୍ଧୀୟ ଅଭିଯୋଗର ବି.ଏମ୍.ସି ତାଗିଦ୍ ସତ୍ୱେ କୌଣସି ନିରାକରଣ କରୁନାହିଁ । ଏହାପାଇଁ କି ପଦକ୍ଷେପ ନିଆଯିବ ଗୃହକୁ ଜଣାନ୍ତୁ ?

ଉତ୍ତର -୨(୧୩). ଓ୍ୱାର୍ଡ ନଂ-୬୫ ରେ ଥିବା ଡ଼ି.ଏନ୍ ରେଗାଲିଆ ମଲ୍ କୁ ଦକ୍ଷିଣ-ପଶ୍ଚିମ ମଣ୍ଡଳ ତରଫରୁ ନୋଟିସ୍ ମାଧମରେ ତାଗିଦ୍ କରାଯାଇଅଛି ଏବଂ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଅଛି ।

<u>ଶ୍ରୀ ନୃପେଶ କୁମାର ନାୟକ, ଓ୍ୱାର୍ଡ ନଂ-୫୫</u>

ପ୍ରଶ୍ନ-୨(୧୪). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମରେ ନିଯୁକ୍ତ "Knowledge Partner" (ନଲେଜ୍ ପାର୍ଟନର) ର ଅର୍ଥ କ'ଣ ? ଏହାର ଆବଶ୍ୟକତା କ'ଣ ? ଏହି ନିଯୁକ୍ତି ପାଇଁ କେବେ କର୍ପୋରେସନର ଅନୁମୋଦନ ନେଇଥିଲେ ? ଏଥିପାଇଁ ରାଜ୍ୟ ସରକାରଙ୍କର ସମସ୍ତ ଗାଇଡ଼୍‌ଲାଇନ୍ ଅନୁକରଣ କରାଯାଇଥିଲା କି ନାହିଁ ?

